CLASS: IV

SUBJECT : ଓଡିଆ

CHAPTER NAME : ମାଟି ଗଲା ବିଗିଡି

SUBTOPIC : ପ୍ରଶ୍ନ ଉତ୍ତର-୩ ସରଳାର୍ଥ (କ ଓ ଖ)

.

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ODM EDUCATIONAL GROUP
Changing your Tomorrow

(କ) **ଏ ମାଟି ହେଉଛି ଆମ ମାଆ। ଏ ଧୂଳି ହେଉଛି ଚନ୍ଦନ**

**ଏ ମାଟି..................................................ଚନ୍ଦନ**

ଉକ୍ତ ଗଦ୍ୟାଂଶଟି ଆମ ସାହିତ୍ୟ ବହିର ଡଃ ନରେନ୍ଦ୍ର ପ୍ରସାଦ ଦାସଙ୍କ ଦ୍ୱାରା ଲିଖିତ " ମାଟି ଗଲା ବିଗିଡି" ବିଷୟରୁ ଆସିଅଛି । ଏଠାରେ ଲେଖକ ମାଟିକୁ ମାଆ ଓ ଧୂଳିକୁ ଚନ୍ଦନ ସହ ତୁଳନା କରିଛନ୍ତି।

ବୁଢା ବୟସରେ ଅଜାଙ୍କୁ କାମ କରିବାର ଦେଖି ଦୀପୁ ପରାରିଲା , ଅଜା ଏ ବୟସରେ ଘରେ ବସି କିଛି କାମ ନକରି ଏଧୂଳି ମାଟିରେ କାହିକି ଘାଣ୍ଟି ହେଉଛନ୍ତି ? ଅଜା ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ ମାଟି ହେଉଛି ଆମର ମାଆ ପରି । ମାଟି ଆମକୁ ବଞ୍ଚେଇଛି । ଆଉ ମାଟି ମାଆ ହେଲେ ଏ ଧୂଳି ଆମ ପାଇଁ ଚନ୍ଦନ ବୋଲି ଅଜା ପିଲାମାନଙ୍କୁ ବୁଝାଇଛନ୍ତି । ଏହାକୁ ଧୂଳିମାଟି କହି ହେୟ ମନେ କରିବା ଅନୁଚିତ । ମାଟି ମାଆାକୁ ସମ୍ମାନ ଦେବା ଉଚିତ ।

ବାସ୍ତବିକ ଲେଖକଙ୍କ ଉକ୍ତିଟି ଯଥାର୍ଥ ଅଟେ ।

(ଖ) ସେଇ ତ ହେଉଛି ସବୁ ଅନିଷ୍ଟର ମୂଳ କାରଣ

ସେଇତ............................................ କାରଣ

ଉକ୍ତ ଗଦ୍ୟାଂଶ ଟି ଆମ ସାହିତ୍ୟ ବହିର ଡଃ ନରେନ୍ଦ୍ର ପ୍ରସାଦ ଦାସଙ୍କ ଲିଖିତ "ମାଟି ଗଲା ବିଗିଡି" ବିଷୟରୁ ଆନୀତ । ଏଠାରେ ଲେଖକ ବଜାରରେ ମିଳୁଥିବା ରାସାୟନିକ ସାର କିପରି ସବୁ ଅନର୍ଥ ର ମୂଳ କାରଣ ତାହା ଆଲୋଚନା କରିଛନ୍ତି।

ଅଜାଙ୍କ ବଗିଚାରେ ଫୁଟିଥିବା ଫୁଲ, ଫଳ ଓ ପରିବାକୁ ଦେଖି ବାପୁ ଅଜାଙ୍କୁ ପଚାରିଲ। ଅଜା ତୁମେ କଣ ବେଶି ସାର ଦେଉଛକି ? ଅଜା ବୁଝାଇ ଦେଲେ ଯେ ବେଶି ସାର ଦେଲେ ବେଶି ଫସଲ ହେବ ତାହା ଭୁଲ ଧାରଣା ,। କେତେ ଜମିରେ କେତେ ସାର ଦିଆଯିବ ତାର ଏକ ହିସାବ ଅଛି। ବଜାରରେ ଯେଉଁ ସାର ମିଳୁଛି ତାହା ଏକ ପ୍ରକାର ବିଷ । ମାଟିରେ ଥିବା ଜିଆ ସହ ଏହା ଅଣୁଜୀବ କୁ ମାରି ମାଟିର ଉର୍ବରତାକୁ ନଷ୍ଟ କରିଦେଉଛି ଓ ଆମ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହେଉଛି । ତେଣୁ ଏହା ହିଁ ଅନିଷ୍ଟର ମୂଳ କାରଣ

ପ୍ରକୃତରେ ଲେଖକଙ୍କର ଏହି ଉକ୍ତିଟି ଯଥାର୍ଥ ଅଟେ

# ଗୃହକାର୍ଯ୍ୟ

ଗୁଣୁଗୁଣୁ ଶବ୍ଦଟି ଏହି ପାଠରେ ଯେଉଁ ସ୍ଥାନରେ ବ୍ୟବହାର କରାଯାଇଛି, ସେହି ବାକ୍ୟଟିକୁ ତଳେ ଲେଖିବା

EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP